# SUMMATIVE ASSESSMENT – I, 2016-17

## CLASS – VIII

## SUBJECT – HIGHER ODIA

*[Time allowed: 3 hours]* *[Maximum Marks: 90]*

**ସାଧାରଣ ନିର୍ଦ୍ଦେଶାବଳୀ : –**

- ❖ ଏହି ପ୍ରଶ୍ନପତ୍ରରେ ଚାରୋଟି ବିଭାଗ ଓ ୧୩ ଟି ପ୍ରଶ୍ନ ରହିଛି ।
- ❖ ସବୁ ପ୍ରଶ୍ନର ଉତ୍ତର ଲେଖିବା ବାଧ୍ୟତାମୂଳକ ।
- ❖ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖିବା ପୂର୍ବରୁ କ୍ରମିକ ସଂଖ୍ୟା ଲେଖ ।
- ❖ ଅକ୍ଷର ସୁନ୍ଦର କରି ଲେଖିବା ଆବଶ୍ୟକ ।
- ❖ ଗୋଟିଏ ପ୍ରଶ୍ନର ଉତ୍ତର ଲେଖି ସାରିବା ପରେ ଗୋଟିଏ ଲେଖାଏଁ ଧାଡ଼ି ଛାଡ଼ି ଅନ୍ୟ ଉତ୍ତରଟି ଲେଖ ।

## 'କ' ବିଭାଗ

୧. ଅନୁଚ୍ଛେଦଟି ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । [୫ X ୨ = ୧୦]

ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ ଦୀର୍ଘ ପାଞ୍ଚଶହ ବର୍ଷ ଧରି ଗତି କରିଥିଲା । ସାରଳା ଦାସଙ୍କ ଠାରୁ ଭୀମଭୋଇଙ୍କ ପର୍ଯ୍ୟନ୍ତ ଦୀର୍ଘ ପଥ । ଏହାରି ମଧ୍ୟରେ ଆସିଛି ଓଡ଼ିଶାର ବିପର୍ଯ୍ୟୟ । ସ୍ୱାଧୀନତା ଲୋପ ପାଇଛି । ମୁସଲମାନ୍ , ମୋଗଲ, ମରହଟ୍ଟା ଓ ଇଂରେଜ ଶାସନ ପ୍ରତିଷ୍ଠା ଲାଭ କରିଛି । ଚାଲିଛି ଶୋଷଣ ଓ ପୀଡ଼ନ । ତଥାପି ଓଡ଼ିଆ ଜାତି ନିଶ୍ଚିହ୍ନ ହୋଇଯାଇନାହିଁ । ତା'ର ଭାଷା ଓ ସଂସ୍କୃତି ଲୋପ ପାଇ ଯାଇନାହିଁ । ଯେଉଁ ଭାଷାରେ ପଞ୍ଚଦଶ ଶତାବ୍ଦୀରେ ସାରଳା ଦାସ ଶକ୍ତି ପରୀକ୍ଷା କରିଥିଲେ , ସେହି ଭାଷା ଆପଣାର ମର୍ଯ୍ୟାଦା ବିସ୍ତାର କଲା । ରଚିତ ହେଲା କେତେ ପୁରାଣ, କାବ୍ୟ, କବିତା । ଦେଶ-ଭାଷା ଓ ଜନପଦର ଭାଷାକୁ ଛାଡ଼ି କାବ୍ୟ ପୁଣି ସଂସ୍କୃତାୟିତ ଓ ଆଳଙ୍କାରିକ ଭାଷାକୁ ଗୁରୁତ୍ୱ ଦେଲା । କାବ୍ୟ ସହିତ ମଧ୍ୟ ରଚିତ ହେଲା ଗଦ୍ୟ ଗ୍ରନ୍ଥ । ଲକ୍ଷ୍ୟ କରାଗଲା ଯେ ଓଡ଼ିଆ କବିମାନେ କାବ୍ୟର ଶ୍ରୀ ବା ସୌନ୍ଦର୍ଯ୍ୟ ଉପରେ ବିଶେଷ ଗୁରୁତ୍ୱ ଦେଉଥିଲାବେଳେ ମଣିଷ ଉପରେ ସେତେଟା ଗୁରୁତ୍ୱ ଦେଇନଥିଲେ । ବିଶେଷତଃ ସନ୍ଥ-ସାହିତ୍ୟ ଓ ଭକ୍ତି ସାହିତ୍ୟରେ ଅଛି ମଣିଷର ଉତ୍ତୋଳନ ପାଇଁ ସ୍ପଷ୍ଟ ସଂକେତ । ମଣିଷକୁ ସତ୍ୟ ଓ ଧର୍ମ ମାର୍ଗରେ ନେବା ପାଇଁ , ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଏକ ମଣିଷ ସମାଜ ଗଠନ ପାଇଁ ସନ୍ଥ ସାହିତ୍ୟ ପ୍ରେରଣା ଦେବା ସଂଗେ ସଂଗେ କ୍ଷମତା ମଦମତ୍ତ ମଣିଷମାନଙ୍କ ପାଇଁ ମଧ୍ୟ ଚେତାବନୀ ଶୁଣାଇଛି । ସନ୍ଥସାହିତ୍ୟ ସହିତ ଓଡ଼ିଆ ଭାଷାରେ ରଚିତ ହେଲା କାବ୍ୟ ।

(କ) ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ ଦୀର୍ଘ କେତେ ବର୍ଷ ଧରି ଗତି କରିଥିଲା ?

(ଖ) ଓଡ଼ିଶାର ସ୍ୱାଧୀନତା ଲୋପ ପାଇବା ପରେ ଓଡ଼ିଶାରେ କେଉଁ କେଉଁ ଶାସନ ପ୍ରତିଷ୍ଠା ଲାଭ କରିଛି ?

(ଗ) ସାରଳା ଦାସ କେଉଁ ଭାଷାରେ ଶକ୍ତି ପରୀକ୍ଷା କରିଥିଲେ ?

(ଘ) ଦେଶ-ଭାଷା ଓ ଜନପଦର ଭାଷାକୁ ଛାଡ଼ି କାବ୍ୟ ପୁଣି କେଉଁ ଭାଷାକୁ ଗୁରୁତ୍ୱ ଦେଲା ?

(ଙ) କ୍ଷମତା ମଦମତ୍ତ ମଣିଷମାନଙ୍କ ପାଇଁ ସନ୍ଥସାହିତ୍ୟ କ'ଣ ଶୁଣାଇଛି ?

## 'ଖ' ବିଭାଗ

୨.ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ । [୧ X ୧୦ = ୧

ରିଓ ଅଲମ୍ପିକ୍ ଓ ଭାରତ, ମାନବ ସେବା ହିଁ ମାଧବ ସେବା , ବନମହୋତ୍ସବ

୩. ସମୟର ସଦୁପଯୋଗ କରିବା ପାଇଁ ପରାମର୍ଶ ଦେଇ ତୁମ ସାନ ଭାଇ ପାଖକୁ ପତ୍ରଟିଏ ଲେଖ । [୧ X ୫ = ୧

କିମ୍ବା

ବର୍ଷାଋତୁ ପରେ ତୁମ ଅଞ୍ଚଳରେ ଭାଙ୍ଗିରୁଜି ଯାଇଥିବା ସଡ଼କର ମରାମତି ପାଇଁ ଅଞ୍ଚଳ ଉନ୍ନୟନ ଅଧିକାରୀଙ୍କ ନିକଟକୁ ଦରଖାସ୍ତ ଲେଖ ।

## 'ଗ' ବିଭାଗ

୪.(କ)(i) ଓଡ଼ିଆ ଭାଷାରେ ସ୍ୱରବର୍ଣ୍ଣ କେତୋଟି ? [୧]

(ii) ବର୍ଗ୍ୟ ବ୍ୟଞ୍ଜନ କେତେ ଭାଗରେ ବିଭକ୍ତ ? [୧]

(iii) ତତ୍ସମ ଶବ୍ଦର ତଦ୍ଭବ ରୂପ ଲେଖ ।(୧ଟିର) [୧]

ଘୃତ, ଭଗିନୀ

(iv) ସମୋଚ୍ଚାରିତ ଶବ୍ଦର ଭିନ୍ନ ଭିନ୍ନ ଅର୍ଥ ଲେଖ । (ଏକ ଯୋଡ଼ାର) [୧]

ସ୍ୱାକ୍ଷର-ସାକ୍ଷର, ଦିନ-ଦୀନ

(v) ବିପରୀତାର୍ଥବୋଧକ ଶବ୍ଦ ଲେଖ । (୧ଟିର) [୧]

ଆସ୍ତିକ, ଉଚ୍ଚ

(ଖ) (i) ଲିଙ୍ଗ ପରିବର୍ତ୍ତନ କର । (୨ଟିର) [୨]

ଗରୀୟାନ୍ , ପ୍ରିୟ , ସୁଶୀଳା

(ii) କିଏ କେଉଁ ପୁରୁଷ ଚିହ୍ନାଅ । (୨ଟିର) [୨]

ଛାତ୍ର, ଆମେ, ଆପଣ

(iii) କିଏ କେଉଁ ବଚନ ଲେଖ । (ଗୋଟିଏର) [୧]

ଲୋକେ, ପତ୍ର

(ଗ) ରେଖାଙ୍କିତ ପଦଗୁଡ଼ିକ କିଏ କେଉଁ ପ୍ରକାର ବିଶେଷ୍ୟ ଚିହ୍ନାଅ । (୫ଟିର) [୫ X ୧ = ୫

(i) ଛାତ୍ରୀଟି ଗାନ କରିବ ।

(ii) ମୟୁର ଆମର ଜାତୀୟ ପକ୍ଷୀ ।

(iii) ଏବେ ସୁନା ଦର ଆକାଶ ଛୁଆଁ ହେଲାଣି ।

(iv) କପୋତ ନିରୀହତାର ପ୍ରତୀକ ।

(v) ରାମ କଟକ ଯିବ ।

୧୦] (vi) ମାଛ ମୋର ପ୍ରିୟ ଖାଦ୍ୟ ।

(vii) ସତ୍ୟ ପ୍ରକାଶ କରିବା ସମ୍ବାଦପତ୍ରର ଧର୍ମ ।

'ଘ' ବିଭାଗ

୫] ଗୁରୁଶିଷ୍ୟଙ୍କ ମଧରେ ଦୂରତ୍ୱ ବଢ଼ିଯିବା ଯୋଗୁଁ କି କି କ୍ଷତି ହେଉଛି ଲେଖ । [୧ X ୮ = ୮]

କିମ୍ବା

ଲେଖକ ଉଦୟନାଥ ଷଡ଼ଙ୍ଗୀ ତାଙ୍କ ବାପା ବୋଉଙ୍କ ସେବା କିପରି କରିଥିଲେ ବର୍ଣ୍ଣନା କର ।

ସପ୍ରସଙ୍ଗ ସରଳାର୍ଥ ଲେଖ । [୧ X ୫ = ୫]

ସରଳ ସୁନ୍ଦର ଜୀବନ ଏମାନଙ୍କର । କିଛି ଛନ୍ଦ କପଟ ନାହିଁ ।

କିମ୍ବା

ବଡ଼ ସ୍ନେହଭରା ଅଥଚ କରୁଣ ସେ ଚାହାଣି ।

ସଂକ୍ଷେପରେ ଉତ୍ତର ଲେଖ । (୩ଟିର) [୩ X ୨ = ୬]

(କ) 'ତେଜସ୍ୱିନାବଧୀତମସ୍ତୁ' କଥାଟିର ଅର୍ଥ କ'ଣ ?

(ଖ) ଜିଲ୍ଲା ମାଜିଷ୍ଟ୍ରେଟ ସତ୍ୟବାଦୀ ସ୍କୁଲର ଛାତ୍ରମାନଙ୍କୁ ପ୍ରତିବର୍ଷ ନିମନ୍ତ୍ରଣ କରୁଥିଲେ କାହିଁକି ?

(ଗ) ଆସାମରେ 'ନାମ' ଘର କିପରି ପ୍ରତିଷ୍ଠା ହୋଇଥିଲା ?

(ଘ) ସୁଦର୍ଶନ ପ୍ରହରାଜ କିପରି ବ୍ୟକ୍ତି ଥିଲେ ?

(ଙ) ମିରିମାନେ କିପରିଭାବେ ବାସ କରନ୍ତି ?

୮. ଉତ୍ତରମାଳାରୁ ଠିକ୍ ଉତ୍ତରଟି ବାଛି ଲେଖ । [୪ X ୧ = ୪]

(କ) 'ଗୁରୁଶିଷ୍ୟ' ପ୍ରବନ୍ଧଟି କେଉଁ ପୁସ୍ତକରୁ ସଂଗୃହୀତ ?

(i) ବିଶ୍ୱ ଓ ବ୍ୟକ୍ତି (ii) ଜୀବନ ଶିକ୍ଷା (iii) ଶିକ୍ଷାର ଧାରା (iv) ଚରାଚର ହିତାୟ

(ଖ) ଲେଖକ ଉଦୟନାଥ ଷଡ଼ଙ୍ଗୀଙ୍କୁ କେତୋଟି ରଥଯାତ୍ରାରେ ସ୍ୱେଚ୍ଛାସେବକ ହେବାର ସୁଯୋଗ ମିଳିଥିଲା ?

(i) ୪ ଟି (ii) ୩ଟି (iii) ୨ଟି (iv) ୧ ଟି

(ଗ) 'ମୋ ବାରବୁଲା ଜୀବନ' କେଉଁ ଲେଖକଙ୍କ ଆତ୍ମଜୀବନୀ ପୁସ୍ତକ ଅଟେ ?

(i) ଶତ୍ରୁଘ୍ନ ନାଥ (ii) ଗୋଲୋକ ବିହାରୀ ଧଳ

(iii) ଉଦୟନାଥ ଷଡ଼ଙ୍ଗୀ (iv) ଲକ୍ଷ୍ମୀନାରାୟଣ ସାହୁ

(ଘ) ଓଡ଼ିଶାରେ ବିରଜାକ୍ଷେତ୍ର କେଉଁଠାରେ ଅବସ୍ଥିତ ?

(i) ପୁରୀ (ii) ଯାଜପୁର (iii) ଭୁବନେଶ୍ୱର (iv) କଟକ

୯. ସମଗ୍ର ଜୀବନକାଳକୁ ଗୋଟିଏ ଶିବରାତ୍ରି କରିବା ପାଇଁ କବି କାହିଁକି କହିଛନ୍ତି, ବୁଝାଇ ଲେଖ । [୧ X ୭ = ୭]

କିମ୍ବା

କବିତାଟିର ନାମ 'ବୃକ୍ଷ ମାହାତ୍ମ୍ୟ' ରଖାଯିବାର ଯଥାର୍ଥତା ପ୍ରତିପାଦନ କର ।

୧୦. **ସପ୍ରସଙ୍ଗ ସରଳାର୍ଥ ଲେଖ ।** [୧ X ୫ = ୫]

ଜଳ ସଙ୍ଗତେ ଜଳ ହେବୁ
ସକଳ ସମାନ ଦେଖିବୁ ।

**କିମ୍ବା**

ସୁପ୍ତ ସିଂହ ମୁଖେ ନ ପଶେ ଆହାର,
ଶ୍ରମେ ପିପୀଲିକା ପୂରାଏ ଭଣ୍ଡାର ।

୧୧. **ସଂକ୍ଷେପରେ ଉତ୍ତର ଲେଖ । (୩ଟିର)** [୩ X ୨ = ୬]

(କ) ବୃକ୍ଷକୁ ସୁଜନ ବା ଭଲମଣିଷଙ୍କ ସହ ତୁଳନା କରାଯାଇଛି କାହିଁକି ?
(ଖ) ପଞ୍ଚଭୂତ କହିଲେ ତୁମେ କ'ଣ ବୁଝ ?
(ଗ) ମଣିଷର ଉନ୍ନତି ସହିତ ଭାଷାର କି ସମ୍ପର୍କ ରହିଛି ?
(ଘ) ଦୂର ଦେବାଳୟକୁ ନଯାଇ କ'ଣ କରିବାକୁ କବି କହିଛନ୍ତି ?
(ଙ) କବିଙ୍କ ବିଚାରରେ ଅଧମ କିଏ ?

୧୨. **ଉତ୍ତରମାଳାରୁ ଠିକ୍ ଉତ୍ତରଟି ବାଛି ଲେଖ ।** [୪ X ୧ = ୪]

(କ) କବି ଗଙ୍ଗାଧରଙ୍କ କେଉଁ ପୁସ୍ତକରୁ 'ଉଦ୍‌ବୋଧନ' କବିତାଟି ସଂଗୃହୀତ ?
(i) ଇନ୍ଦୁମତୀ (ii) ଉତ୍କଳଲକ୍ଷ୍ମୀ (iii) ଅର୍ଘ୍ୟଥାଳୀ (iv) ତପସ୍ୱିନୀ
(ଖ) ହୃଦୟକୁ କେଉଁ ପର୍ବତ ସହିତ ତୁଳନା କରାଯାଇଛି ?
(i) ହିମାଳୟ (ii) ଖଣ୍ଡଗିରି (iii) ନୀଳଗିରି (iv) କପିଳାସ
(ଗ) 'ଦାମ' ଶବ୍ଦର ଅର୍ଥ କ'ଣ ?
(i) ବାଡ଼ି (ii) ଦଉଡ଼ି (iii) ଗଛ (iv) ଆକାଶ
(ଘ) ଗରୁଡ଼ କାହାର ବାହନ ?
(i) ଶିବ (ii) ବ୍ରହ୍ମା (iii) ଇନ୍ଦ୍ର (iv) ବିଷ୍ଣୁ

୧୩. ନିଃସ୍ୱାର୍ଥ ଦାନ କେବେ ବୃଥା ଯାଏ ନାହିଁ । ପଠିତ ଏକାଙ୍କିକା ଅବଲମ୍ବନରେ ଏହାର ଯଥାର୍ଥତା ପ୍ରତିପାଦନ କର । [୫]

**କିମ୍ବା**

କେତେବେଳେ ଆଉ କେଉଁ ପରିସ୍ଥିତିରେ ମିଳେଇ ଯାଇଛି ସୁନନ୍ଦା ଆଉ ତାଙ୍କ ସ୍ୱାମୀଙ୍କ ହୃଦୟ ମଧ୍ୟରେ ଥିବା ତୁଙ୍ଗ ବ୍ୟବଧାନ ?

**କିମ୍ବା**

ଅଜାଗା ଘା' ଦେଖି ହୁଏ ନାହିଁ କି ଦେଖାଇ ହୁଏ ନାହିଁ – କେଉଁ ପ୍ରସଙ୍ଗରେ ଏ କଥାଟି କୁହାଯାଇଛି ?

*********